### ଗଣ୍ଡାନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କଳିଙ୍ଗନଗର,(ଡି.ଏନ.ଏ.):** ଦାନଗଦୀ ଫାଣ୍ଡି ଅଧୀନ କୁମ୍ଭିରଗାଡ଼ିଆ ଗାଁର ଗଣ୍ଡାନାଳରେ ବୁଡ଼ି ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ଶ୍ରୀଧର ସାମଲଙ୍କ ପୁଅ ରାଜକିଶୋର(୨୭)। ଅପରାହ୍ନରେ ରାଜକିଶୋର ବିଲକୁ ଘାଷ କାଟିବାକୁ ଯାଇଥିଲା। ଘାଷ ବିଡ଼ା ଧରି ହିଙ୍ଗୁଳା ପାଖରେ ଗଣ୍ଡାନାଳ ପାର ହୋଇ ଘରକୁ ଆସୁଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଗଣ୍ଡାନାଳରୁ ରାଜକିଶୋରଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କାରଖାନା ଛାଡୁଛି ବିଷାକ୍ତ ପାଣି

**ଯାଜପୁର ଅଫିସ,୩୦।୯**

- ଏସ୍‌ପିସିବି ସେଣ୍ଟ୍ରାଲ ଲାବରେଟାରି ରିପୋର୍ଟରେ ସୂଚନା
- ଫେନୋଲିକ୍ ଦ୍ରବ୍ୟ ୫ ଗୁଣ ଅଧିକ

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ପାରିପାର୍ଶ୍ୱିକ ବାୟୁର ମାନ ମାପିବା ପାଇଁ ସ୍ଥାପିତ ପରୀକ୍ଷଣ ଯନ୍ତ୍ର ଏମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟାଟସ (ଏଏକ୍ୟୁଏମ୍ଏସ୍) ୩ ରୁ ୨ଟି ଅଚଳ ରହିଛି। ଏଥିଯୋଗୁ ବାୟୁ ପ୍ରଦୂଷଣ ତଥ୍ୟ ଲୁଚି ଯାଉଛି। ହେଲେ ଜଳ ପ୍ରଦୂଷଣ ସଂକ୍ରାନ୍ତରେ ଏକ ସମ୍ବେଦନଶୀଳ ତଥ୍ୟ ହସ୍ତଗତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସେଣ୍ଟ୍ରାଲ ଲାବରେଟାରିରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଗଣ୍ଡନାଳା, ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରୁ ସଂଗୃହୀତ ନମୁନା ପରୀକ୍ଷା ରିପୋର୍ଟରେ ସର୍ବାଧିକ ୯ ଗୁଣ ଅଧିକ ଫେନୋଲିକ୍ କମ୍ପାଉଣ୍ଡ ରହିଛି। ଏଭଳି ପ୍ରଦୂଷିତ ଜଳ ଯୋଗୁ ଫସଲ ନଷ୍ଟ ସହିତ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟି ଏକ ମାରାତ୍ମକ ରୂପ ନେବାରେ ଲାଗିଛି। ନଦୀଜଳ ବିଶୋଧନ ପାଇଁ ସଜାଗ ନ ରହିଲେ ଆଗାମୀ ଦିନରେ ଜଳବାହିତ ରୋଗ ଉଗ୍ରରୂପ ଧାରଣ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ମିଳିଥିବା ରିପୋର୍ଟ ଅନୁସାରେ ଏସ୍‌ପିସିବି ପକ୍ଷରୁ ଗତ ୧୯।୮।୨୦୨୧ରେ କଳିଙ୍ଗନଗର ଅଞ୍ଚଳସ୍ଥିତ ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡାନାଳରୁ ଜଳ ନମୁନା ସଂଗ୍ରହ କରାଯାଇଥିଲା। ଏହି ଜଳ ନମୁନାକୁ ୨୩।୮।୨୦୨୧ରୁ ୨୪।୮।୨୦୨୧ପର୍ଯ୍ୟନ୍ତ ଏସ୍‌ପିସିବିର ସେଣ୍ଟ୍ରାଲ ଲାବରେଟାରିରେ ପରୀକ୍ଷା କରାଯାଇଥିଲା।


କଳିଙ୍ଗନଗର ଶିଳ୍ପାଞ୍ଚଳର ଗଣ୍ଡାନାଳ।

ଉକ୍ତ ରିପୋର୍ଟ ଅନୁସାରେ କଳିଙ୍ଗନଗରର ବିଭିନ୍ନ କାରଖାନାର ବର୍ଜ୍ୟଜଳ ମିଶୁଥିବା ଗଣ୍ଡନାଳାର କୁସୁନପୁରଠାରୁ ସଂଗୃହୀତ ଜଳନମୁନାରେ ଅନୁଜ୍ଞେୟ ସୀମିତ (ପର୍ମିସିବୁଲ୍ ଲିମିଟ) ୦.୦୦୫ (ମିଲିଗ୍ରାମ/ଲିଟର)ଠାରୁ ୦.୦୪୪ (ମିଲିଗ୍ରାମ/ଲିଟର) ଫେନୋଲିକ୍ କମ୍ପାଉଣ୍ଡ ରହିଛି, ଯାହାକି ୮.୮ ଗୁଣ ଅଧିକ। ଏହାବାଦ୍ ବ୍ରାହ୍ମଣୀ ନଦୀର କବାଟବନ୍ଧଠାରୁ ସଂଗ୍ରହିତ ନମୁନାରେ ଲିଟର ପିଛା ୦.୦୨୮ ମିଲିଗ୍ରାମ ଫେନୋଲିକ୍, ଖରସ୍ରୋତା ନଦୀର ଟିସ୍କୋ ଇନ୍‌ଟେକ୍ ପଏଣ୍ଟରୁ ସଂଗୃହୀତ ଜଳ ନମୁନାରେ ୦.୦୨୫ ଫେନୋଲିକ୍, ଗଣ୍ଡନାଳାର ଓଳଳ ଗ୍ରାମ ପାଖରୁ ସଂଗୃହୀତ ଜଳନମୁନାରେ ୦.୦୨୨ ଫେନୋଲିକ୍, ଖରସ୍ରୋତା ନଦୀର ଯୋକଡିଆ ବ୍ରିଜ ନିକଟ ସଂଗୃହୀତ ପାଣିରୁ ୦.୦୧୮ ଫେନୋଲିକ୍, ଗଣ୍ଡନାଳା ମାର୍ଥାପୁର ଗ୍ରାମ ନିକଟରୁ ସଂଗ୍ରହିତ ପାଣିରେ ୦.୦୩୧ ମିମି ଫେନୋଲିକ୍ ଏବଂ ଖରସ୍ରୋତା ନଦୀର ଖଣ୍ଡତୀର ଗ୍ରାମ ନିକଟରୁ ସଂଗୃହୀତ ଜଳରେ ୦.୧୬ ମିମି ଫେନୋଲିକ୍ ବାହାରିଛି। ତେବେ ଗଣ୍ଡନାଳାର କୁସୁନପୁରଠାରେ ଅନୁଜ୍ଞେୟ ସୀମିତଠାରୁ ଅଧିକ ଫେନୋଲିକ୍ ରହିଥିବାରୁ ଏସ୍‌ପିସିବି ଚିନ୍ତାବ୍ୟକ୍ତ କରିଛି। ତେବେ ଏସ୍‌ପିସିବିର ଏହି ରିପୋର୍ଟକୁ ଅବଲୋକନ କଲେ କାରଖାନାରୁ ବାହାରକୁ ବର୍ଜ୍ୟଜଳ ଛାଡୁଥିବା ପ୍ରମାଣିତ କରୁଛି। ଏହାବାଦ୍ କେତେକ କାରଖାନାର ବର୍ଜ୍ୟଜଳ ଚାଷଜମି ଦେଇ ଗଣ୍ଡନାଳାରେ ମିଶୁଛି। ଅନ୍ୟପକ୍ଷେ କାରଖାନାର ବର୍ଜ୍ୟଜଳ ମିଶୁଥିବା ନଦୀ ତଟବର୍ତ୍ତୀ ଅଞ୍ଚଳରେ ଅନ୍‌ଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ୍ ଲଗାଇବାକୁ ପୂର୍ବରୁ ହୋଇଥିବା ନିଷ୍ପତ୍ତି କେବଳ କାଗଜପତ୍ରରେ ସୀମିତ ରହିଛି ।

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ବି ଲୋଡ଼ା। ତେଣୁ ରାଜ୍ୟର ବୃହତ୍ତର ସ୍ୱାର୍ଥରେ ଶିଳ୍ପାୟନର ରାସ୍ତାରେ କୌଣସି ବ୍ରେକ୍ ଲାଗିବା କଥା ନୁହେଁ। ତେଣୁ ପ୍ରଦୂଷଣ ସମସ୍ୟାକୁ ଆଖିବୁଜି ଦେଲେ ବି ଚଳିବ। ଲୋକେ ଶିଳ୍ପ ବିଷରେ ହନ୍ତସନ୍ତ ହୁଅନ୍ତୁ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ କରି ଶିଳ୍ପପତିଙ୍କ ମନରେ କଷ୍ଟ ଦିଅନାହିଁ ନୀତିରେ ଏସ୍‌ପିସିବି କର୍ତ୍ତୃପକ୍ଷ ଜଳ ପ୍ରଦୂଷଣକୁ ଆଖି ବୁଜି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ରାହ୍ମଣୀ ନଦୀର ଉପର ମୁଣ୍ଡରୁ ଅଧିକ ଫେନୋଲିକ୍ କମ୍ପାଉଣ୍ଡ ରହିଥିବା ଦେଖିବାକୁ ମିଳିଛି। ତେଣୁ କଳିଙ୍ଗନଗର ଶିଳ୍ପାଞ୍ଚଳର କାରଖାନାର ପାଣିରେ ଫେନୋଲିକ୍ ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇ ପାରୁନାହିଁ। ଏନେଇ ତର୍ଜମା ଚାଲିଛି ବୋଲି ସେ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କଳିଙ୍ଗନଗର,୩୦।୯(ଡି.ଏନ.ଏ.):** କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଲାଣ୍ଡୁ ବାର୍ଲା(୬୦)। ନାବାଳିକା ଖେଳିବାକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ।




## ସଂକ୍ଷେପରେ

### ୪ ହାଇୱା ଜବତ, ୧.୨୦ ଲକ୍ଷ ଜରିମାନା ଆଦାୟ

**ଚଣ୍ଡିଖୋଲ,୩୦।୯(ଡି.ଏନ.ଏ.):** ଦର୍ପଣ ତହସିଲ ପକ୍ଷରୁ ବୁଧବାର ରାତିରେ ଚଣ୍ଡିଖୋଲ ଛକ ଓ ଶ୍ରୀରାମପୁର ଟୋଲଗେଟ ନିକଟରେ ଚଢ଼ାଉ କରାଯାଇ ୪ଟି ବେଆଇନ କଳାପଥର ବୋଝେଇ ହାଇୱା ଜବତ କରାଯାଇଛି। ଟ୍ରକ୍‌ଗୁଡିକୁ ଅଟକାଇ ତହସିଲଦାର ପ୍ରଦୀପ ସେଠୀ ଓ ତାଙ୍କ ସ୍ୱତନ୍ତ୍ର ଟିମ କାଗଜପତ୍ର ମାଗିଥିବା ବେଳେ ସେମାନେ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଟ୍ରକ୍‌ଗୁଡିକ ଜବତ କରାଯାଇ ବଡ଼ଚଣା ଥାନାକୁ ନିଆଯାଇଥିଲା। ଗୁରୁବାର ପ୍ରତ୍ୟେକ ଟ୍ରକରୁ ୩୦ ହଜାର ଟଙ୍କା ଲେଖାଏ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଇଛନ୍ତି। ଚଢ଼ାଉରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଓ ସ୍ୱତନ୍ତ୍ର ପୋଲିସ ଟିମ୍ ସାମିଲ ହୋଇଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

**ଧର୍ମଶାଳା,୩୦।୯(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଜାରକାରେ ରହୁଥିବା କଲଣ ପଞ୍ଚାୟତ ଶୁଳିଆ ଗ୍ରାମର ଖବରଦାତା ବିନୋଦ ବିହାରୀ ସାହୁଙ୍କ ମା' ନାରଙ୍ଗୀ ସାହୁ(୮୫)ଙ୍କ ବିୟୋଗ ହୋଇଛି। ସ୍ୱର୍ଗତା ସାହୁ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ ବ୍ୟବସାୟୀ ହରିହର ସାହୁ, ଇଂ. ବୈରାଗୀ ଚରଣ ସାହୁ, ପ୍ରତାପ ପୃଷ୍ଟି, ଇଂ. ରମେଶ ଚନ୍ଦ୍ର ସାହୁ, କମଳା ସାହୁ, ରଜନୀଗନ୍ଧା ସାହୁ, ସଞ୍ଜୁକ୍ତା ସାହୁ, ବିଷ୍ଣୁପଦ ସାହୁ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ତାଙ୍କ ବାସ ଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ କରାଯାଇଛି। ବଡ଼ପୁଅ ଆନନ୍ଦ ସାହୁ ମୁଖାଗ୍ନି ଦେଇଥିଲେ।

# ଗାନ୍ଧୀ ଜୟନ୍ତୀରୁ ଜନହିତକର କାର୍ଯ୍ୟ

**ଧର୍ମଶାଳା,୩୦।୯(ଡି.ଏନ.ଏ.)**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ପ୍ରତି ବର୍ଷ କରାଯାଉଥିବା ଜନସଚେତନତା ପଦଯାତ୍ରାକୁ ଚଳିତଥର ବାତିଲ କରାଯାଇଛି। ଏଥର କେବଳ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଗୁରୁବାର ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତିଙ୍କ ପକ୍ଷରୁ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏଥିରେ କୁହାଯାଇଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧୀ ଜୟନ୍ତୀରେ ବ୍ଲକ ଅନ୍ତର୍ଗତ ମର୍ଜିତାପୁର କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର, ଶ୍ରମଦାନ ଓ ସାମାଜିକ କାର୍ଯ୍ୟ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଣ୍ଡଳବାଠାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯିବ।

ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ମହିଳା ବିଜେଡି ପକ୍ଷରୁ ବ୍ଲକର ସମସ୍ତ ୬୬ ହାଇସ୍କୁଲରେ ଜନସଚେତନତା କାର୍ଯ୍ୟକ୍ରମ ଓ ସ୍କୁଲର ସ୍ଥିତି ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯିବ। ଛାତ୍ର ବିଜେଡି ପକ୍ଷରୁ ବ୍ଲକର ସମସ୍ତ କଲେଜରେ ରକ୍ତଦାନ ଶିବିର ସହ ସଫେଇ କାର୍ଯ୍ୟକ୍ରମ କରାଯିବ। ଯୁବ ବିଜେଡି ପକ୍ଷରୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧୀନରେ ଥିବା ୧୦ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରାଯିବ। ବିଜେଡି ପକ୍ଷରୁ ବ୍ଲକର ୪୫ ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଖୋଲାଯିବ। ବିଜେଡି ଗାର୍ଲସ ଉଇଙ୍ଗସ କର୍ମକର୍ତ୍ତା ଆଦିବାସୀ ବସ୍ତିରେ ବସବାସ କରୁଥିବା ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ବିଧାୟକଙ୍କୁ ଜଣାଇବେ ବୋଲି ବ୍ଲକ ସଭାପତି ମହାନ୍ତି ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ବିଶ୍ୱାଳ, ଗାର୍ଲସ ଉଇଙ୍ଗ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ଓ ଯୁବ ସଙ୍ଗଠକ ପ୍ରତାପ ପ୍ରଧାନ ଉପସ୍ଥିତ ଥିଲେ।

# ବନ୍ୟା ପରେ ବିଶୁଦ୍ଧ ପାଣି ମିଳୁନି

**ବରୀ,୩୦।୯(ଡି.ଏନ.ଏ.)**

- ବିଶୋଧନ ହୋଇ ନ ଥିବା ନଳକୂପ ଭରସା
- ଦୂଷିତ ଜଳ ପିଉଛନ୍ତି ଗ୍ରାମବାସୀ

ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ପ୍ରତିବର୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଚଳିତ ବନ୍ୟା ପରେ ବରୀ ବ୍ଲକ୍‌ର ସାହୁପଡ଼ା, ଧାରପୁର, ଇଶାଣପୁର, ବାଲିଆ, ଉଦୟନାଥପୁର, ଭଅଁରା, କଳାମାଟିଆ, ଅନ୍ୟାସୀପୁର, ବାଲିବିଲି ଆଦି ପଞ୍ଚାୟତରେ ବିଶୁଦ୍ଧ ପାଣି ମିଳୁନାହିଁ। ବିଭିନ୍ନ ଗାଁରେ ଥିବା ନଳକୂପଗୁଡ଼ିକ ବନ୍ୟାଜଳରେ ବୁଡ଼ି ଯାଇଥିଲା । ନିୟମ ଅନୁଯାୟୀ, ବନ୍ୟା ଜଳରେ ବୁଡ଼ି ରହିଥିବା ନଳକୂପଗୁଡିକୁ ବନ୍ୟାଜଳ ହ୍ରାସ ପରେ ବ୍ଲିଚିଂ ପକାଯାଇ ସେହି ଜଳକୁ ବିଶୋଧନ କରାଯାଇଥାଏ । ଏହାପରେ ସେଥିରୁ ବାହାରୁ ଥିବା ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଏ। ସେହି ପାଣି ବ୍ୟବହାର ଉପଯୋଗୀ କି ନୁହେଁ ତାହା ବିଭାଗୀୟ ଅଧିକାରୀ ଘୋଷଣା କରିବା ପରେ ସ୍ଥାନୀୟ ଲୋକମାନେ ବ୍ୟବହାର କରିଥାଆନ୍ତି। ଯେଉଁ ନଳକୂପର ଜଳ ପାନୀୟ ଉପଯୋଗୀ ସେଥିରେ ନୀଳ ରଙ୍ଗର କପଡ଼ା ଓ ବ୍ୟବହାର ଅନୁପଯୋଗୀ ନଳକୂପରେ ଲାଲ୍ ରଙ୍ଗର କପଡ଼ା ବନ୍ଧା ଯାଇଥାଏ । କିନ୍ତୁ ବନ୍ୟାଜଳ କମିବାରେ ୨ ସପ୍ତାହ ବିତିଛି । ଅଦ୍ୟାବଧି ବିଭାଗ ତରଫରୁ ନଳକୂପର ଜଳକୁ ବିଶୋଧନ କରାଯାଇ ନାହିଁ। ପାନୀୟ ଜଳର ଅଭାବ ଯୋଗୁ ଲୋକମାନେ ଗାଁରେ ଥିବା ନଳକୂପ ପାଣିକୁ ବ୍ୟବହାର କରୁଛନ୍ତି । ଏହାଦ୍ୱାରା ଆଗାମୀ ଦିନରେ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ବନ୍ୟା ପ୍ରଭାବିତ ନଳକୂପର ଜଳକୁ ବିଶୋଧନ କରିବାକୁ ସାଧାରଣରେ ଦାବି ହୋଇଛି ।

ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅପର୍ତ୍ତି ବେହେରାଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ନେଇ ଧାରଣା

**ଚଣ୍ଡିଖୋଲ,୩୦।୯(ଡି.ଏନ.ଏ.)**

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ପତରାଜପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମିଶ୍ର ଗୁରୁବାର ବିଦ୍ୟାଳୟକୁ ଆସିଥିବା କେତେଜଣ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକ ଓ ସଦସ୍ୟ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ତାଙ୍କ ବଦଳି ଦାବି କରିଛନ୍ତି।

ଉକ୍ତ ବିଦ୍ୟାଳୟରେ କିଛିଦିନ ହେବ ସ୍ୱର୍ଣ୍ଣଲତା ଯୋଗ ଦେଇଛନ୍ତି। ସେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସମୟରେ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି।


ବିଦ୍ୟାଳୟରେ ଧାରଣା ଦେଇଥିବା ଅଭିଭାବକ ଓ କମିଟି ସଦସ୍ୟ।

ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ସେହିପରି ସମସ୍ତ ଛାତ୍ରୀଛାତ୍ରଙ୍କଠାରୁ ସ୍କୁଲ ଲିଭିଂ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଲେଖାଏ ଆଦାୟ କରାଯାଉଥିଲା, ଯାହାକୁ ବିରୋଧ କରି କେତେଜଣ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଆସି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ତେବେ ଅଭିଭାବକଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନଶିକ୍ଷୟିତ୍ରୀ ସେମାନଙ୍କୁ ଅତି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ମହିଳା ଅଭିଭାବକଙ୍କୁ କାହିଁକି ବିନାନୁମତିରେ ବିଦ୍ୟାଳୟ ଭିତରେ ପ୍ରବେଶ କଲ ବୋଲି ପ୍ରଶ୍ନ କରିବା ସହ ଥାନାରେ ଅଭିଯୋଗ କରିବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ଉପସ୍ଥିତ ଅଭିଭାବକ ଓ କମିଟି ସଦସ୍ୟ ଧାରଣାରେ ବସି ରହିଥିଲେ। କେତେଜଣ ଶିକ୍ଷକ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏଭଳି ବ୍ୟବହାରକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାକ ଘଟଣା ସମ୍ପର୍କରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଅଭିଯୋଗ ପତ୍ର ଦେବା ସହ ପ୍ରଧାନଶିକ୍ଷୟିତ୍ରୀଙ୍କ ତୁରନ୍ତ ବଦଳି ଦାବି କରିଛନ୍ତି। ଏସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ମିଶ୍ର କହିଛନ୍ତି, ସେ କାହାକୁ ଅଶାଳୀନ ମନ୍ତବ୍ୟ ଦେଇନାହାନ୍ତି। କେବଳ ଆଲୋଚନା କରିଛନ୍ତି।



